بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୮ ଅଗଷ୍ଟ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# କୃତଜ୍ଞତା ଜ୍ଞାପନ କରିବା ପରିପ୍ରେକ୍ଷୀରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର ବ୍ୟବହାରିକ ନମୁନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ବାନାକୁ ବିଶ୍ୱରରେ ଉଡ଼ାଇବା ପାଇଁ ଯୁଗାବତାର ହଜରତ ମସିହ ମଉଦ[ଅ.ସ] ଯେଉଁ ଅହରହ ଉଦ୍ୟମ କରିଛନ୍ତି, ତାହା ପ୍ରକାଶ୍ୟ । ମହାଭାଗ ନିଜ ନିଷ୍ଠାପର ସାହାବାମାନଙ୍କ ପ୍ରତି ଖୁବ୍ କୃତଜ୍ଞ ରହୁଥିଲେ, ଯେଉଁମାନେ ହୁଜୁର[ଅ.ସ]ଙ୍କ ଏହି ମିଶନକୁ ପୂରଣ କରିବା ପାଇଁ ସମସ୍ତ ପ୍ରକାରର କୌଶଳ ଅବଲମ୍ବନ କରୁଥିଲେ । ଏଣୁ ହୁଜୁର[ଅ.ସ] ୪ଅକ୍ଟୋବର ୧୮୯୯ମସିହାରେ ଏକ ବିଜ୍ଞାପନରେ କହିଲେ; ଏହା ପରାକ୍ରମୀ ଅଲ୍ଲାଃତାଲାଙ୍କ **ସୁନ୍ନତ୍** (ଚିରାଚରିତ ନିୟମ) ଯେ ପ୍ରତ୍ୟେକ ଈଶ୍ୱରପ୍ରେମୀ ଭକ୍ତଙ୍କ ଦଳକୁ ସେମାନଙ୍କ ପ୍ରାରମ୍ଭିକ ଅବସ୍ଥାରେ ଚାନ୍ଦାର ଆବଶ୍ୟକତା ପଡିଥାଏ । ଆମ ପ୍ରିୟ ନବୀ ହଜରତ ମୁହମ୍ମଦ[ସ.ଅ] ମଧ୍ୟ ଅନେକ ଥର ସାହାବାଙ୍କ ଉପରେ ଚାନ୍ଦା ଧାର୍ଯ୍ୟ କରିଥିଲେ । ଯେଉଁଥିରେ ହଜରତ ଅବୁବକର୍[ର.ଅ] ସର୍ବାଗ୍ରେ ରହୁଥିଲେ । ତେଣୁ ସାହସର ସହ ସାହାଯ୍ୟ କରିବା ପାଇଁ ନିର୍ଦ୍ୱନ୍ଦରେ ଆଗେଇ ଆସିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତି ନିଜ କ୍ଷମତା ଅନୁସାରେ ଏହି ଲଙ୍ଗରଖାନା ପାଇଁ ସାହାଯ୍ୟ କରନ୍ତୁ । ମୁଁ ଚାହେଁ ଯେ ଯଦି ସମ୍ଭବ ହୁଏ, ଏପରି ଏକ ବ୍ୟବସ୍ଥା ହେଉ ଯେପରି ଆମେ ଲଙ୍ଗରଖାନାର ଚିନ୍ତାରୁ ମୁକ୍ତ ହୋଇ ନିଜ (ଅନ୍ୟ) ଦାୟିତ୍ୱ ଶାନ୍ତିର ସହିତ ସମ୍ପାଦନ କରିବୁ ଓ ଆମ ସମୟ ନଷ୍ଟ ହେବ ନାହିଁ । **ଯେଉଁମାନେ ଆମକୁ ସାହାଯ୍ୟ କରୁଛନ୍ତି, ଶେଷରେ ସେମାନେ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ସାହାଯ୍ୟ ଦେଖିନେବେ ।**

ମୁଁ ଏହି କଥା ଲେଖିବାରୁ ରହିପାରୁ ନାହୁଁ, ଯେ ଏହି ସାହାଯ୍ୟ, ବଳିଦାନ ଓ ତ୍ୟାଗରେ ପ୍ରଥମ ସ୍ଥାନ ଆମର ନିଷ୍ଠାପର ମିତ୍ର ମୌଲବୀ ହକିମ୍ ନୁରୁଦ୍ଦିନ୍ ସାହେବ ଅଧିକାର କରିଛନ୍ତି । ଯିଏ କେବଳ ଆର୍ଥିକ ସାହାଯ୍ୟ କରି ନାହାନ୍ତି, ବରଂ ସଂସାର ସମସ୍ତ ସମ୍ପର୍କ ତୁଟାଇ କରି, ଫକୀରଙ୍କର ବସ୍ତ୍ର ପରିଧାନ କରି ନିଜ ସହରରୁ **ହିଜରତ୍** (ଦେଶାନ୍ତର ଗମନ) କରି କାଦିୟାନରେ ଆସି ନିଜର ଶେଷ ସମୟ ପର୍ଯ୍ୟନ୍ତ ବସି ଯାଇଛନ୍ତି । ଆଉ ଧର୍ମକର୍ମ ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି, ଯଦି ମୁଁ ଇଚ୍ଛା କରେ ତେବେ ତାଙ୍କୁ ପୂର୍ବ ଦେଶ ଆଡ଼କୁ ପଠାଇଦେବି କିମ୍ବା ପଶ୍ଚିମ ଦିଗକୁ ଓ ସେ ସଙ୍ଗେସଙ୍ଗେ ସେଠାକୁ ଚାଲିଯିବେ । ମୋ ଦୃଷ୍ଟିରେ ଏମାନେ ସେହି ଲୋକ ଯାହାଙ୍କ ସମ୍ବନ୍ଧରେ 'ବରାହିନେ ଅହମଦିୟା'ରେ ଏହି ଦୈବିବାଣୀ ରହିଛି, ଅସ୍‌ହାବୁସ୍ ସୁଫଂଫତି ୱମା ଅଦ୍‌ରାକା ମା ଅସ୍‌ହାବୁସ୍ ସୁଫଂଃ ଏବଂ ଏହି ପ୍ରିୟବନ୍ଧୁଙ୍କ ପରେ ଦ୍ୱିତୀୟ ସ୍ଥାନରେ ଆମର ଅନ୍ୟ ଜଣେ ପ୍ରିୟ ମିତ୍ର ମୌଲବୀ ଅବ୍ଦୁଲ୍ କରିମ୍ ସାହେବ ସିଆଲକୋଟୀ ଅଛନ୍ତି, ତାଙ୍କର ତ ପ୍ରଥମରୁ ହିଁ ଅଲ୍ଲାଃତାଲା ଦୁନିଆର ପଦ–ପଦବୀ ଓ ଲୋଭ–ଲାଳସା ପ୍ରତି ଆକର୍ଷଣକୁ ଶୀତଳ କରି ଦେଇଥିଲେ । କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ରୂପେ ସଂସାରର ବିଚାରରୁ ଇସ୍ତଫା ଦେଇ ଏହି ଦ୍ୱାରରେ ବସି ଯାଇଛନ୍ତି ଓ ଦିବାରାତ୍ର ନିଜ ମସ୍ତିଷ୍କର କ୍ଷମତା ଠାରୁ ଅଧିକ କାମ ନେଇ ଧର୍ମର ସେବା କରୁଛନ୍ତି । ଶୁକ୍ରବାର ନମାଜରେ ପବିତ୍ର କୁରଆନର ଅନେକ ସତ୍ୟତା ଓ ଗୂଢ଼ତତ୍ତ୍ୱ ବ୍ୟାଖ୍ୟା କରି ମୁସଲମାନମାନଙ୍କୁ ଲାଭ ପହଞ୍ଚାଉଛନ୍ତି । ମୌଲବୀ ହକିମ୍ ନୁରୁଦ୍ଦିନ୍ ସାହେବଙ୍କ ନଗରବାସୀ ହକିମ୍ ଫଜଲଦ୍ଦିନ୍ ରହିଛନ୍ତି । ସେ ମଧ୍ୟ ପ୍ରାୟ ସେହି ସ୍ଥାନରେ ରହୁଛନ୍ତି ଓ ସେବାରେ ନିୟୋଜିତ ଅଛନ୍ତି ।

ଏହାପରେ ହୁଜୁର[ଅ.ସ] ଡ଼ାକ୍ତର ବୁଡେ ଖାନ୍ ସାହେବ, ଖଲିଫା ରଶିଦୁଦ୍ଦିନ୍ ସାହେବ ଲାହୋରୀ, ଡ଼ାଃ ମିର୍ଜା ୟାକୁବ୍ ବେଗ୍ ସାହେବ କଲାନୁରୀ, ଡ଼ାଃ ମୁହମ୍ମଦ ଇସମାଇଲ୍ ସାହେବ, ଡ଼ାଃ. ଅବ୍ଦୁଲ୍ ହକିମ୍ ଖାନ ସାହେବ, ମିର୍ଜା ଖୁଦା ବଖଶ୍ ସାହେବ, ଯୁବରାଜ ସିରାଜୁଲ୍ ହକ୍ ସାହେବ ଓ ସେଟ୍ ଅବ୍ଦୁର୍ ରହମାନ୍ ସାହେବଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଲେ; ସେଟ୍ ସାହେବ ପ୍ରତି ମାସରେ ନିୟମିତ ଏକ ଶହ ଟଙ୍କା ପଠାନ୍ତି ଓ ଅନେକ ଥର ତ ୫୦୦ଟଙ୍କା ପର୍ଯ୍ୟନ୍ତ ପଠାଇଛନ୍ତି । ସେହିପରି ପରମ ଶଖା ଶେଖ୍ ରହମତୁଲ୍ଲାଃ ସାହେବ ଯିଏକି ଲାହୋରର ଜଣେ ବ୍ୟବସାୟୀ, ତାଙ୍କର ଆଲୋଚନା କଲେ । ସେ ମକଦ୍ଦମା ପାଇଁ ବହୁତ ଟଙ୍କା ଉପହାର ସ୍ୱରୂପ ଦେଇଥିଲେ । ପୁଣି ହୁଜୁର[ଅ.ସ] ନୱାବ ମୁହମ୍ମଦ ଅଲୀ ଖାନ୍ ସାହେବଙ୍କର ମଧ୍ୟ ଚର୍ଚ୍ଚା କଲେ ।

ହୁଜୁର[ଅ.ସ] ସାଧାରଣ ସେବା କରୁଥିବା ଲୋକମାନଙ୍କ ପ୍ରତି ମଧ୍ୟ କୃତଜ୍ଞ ରହୁଥିଲେ । ଖ୍ୱାଜା କମାଲୁଦ୍ଦିନ୍ ସାହେବଙ୍କ ସାହିରେ ଜଣେ ବ୍ୟକ୍ତି ଫାଲୁଦା ବିକ୍ରି କରୁଥିଲେ । ଏକଦା ସେ ହୁଜୁର[ଅ.ସ]ଙ୍କୁ ଫାଲୁଦା ଦେବାର ଇଚ୍ଛା ପ୍ରକଟ କଲେ । ଅତଏବ ଯେତେବେଳେ ହୁଜୁର[ଅ.ସ] ତାଙ୍କ ଘରକୁ ପ୍ରସ୍ଥାନ କଲେ ସେତେବେଳେ ତାଙ୍କୁ ହୁଜୁର[ଅ.ସ]ଙ୍କ ଅନୁମତିକ୍ରମେ ଡ଼କାଗଲା । ଅତଃ ସେ ଫାଲୁଦା ତିଆରି କରି ହୁଜୁର[ଅ.ସ]ଙ୍କ ସମ୍ମୁଖରେ ଉପସ୍ଥାପନ କଲେ । ଏଥିରେ ମହାଭାଗ କହିଲେ; 'ଖୁବ୍ ଭଲ ହୋଇଛି' ତା'ପରେ ସେ ମହାଭାଗଙ୍କ ମିତ୍ରମାନଙ୍କ ପାଇଁ ୧୦-୨୦ଟି ଫାଲୁଦା ପ୍ରସ୍ତୁତ କରି ପଠାଇଲେ । ବସ୍ତୁତଃ ହୁଜୁର ତାକୁ ଦୁଇ ଟଙ୍କା ପ୍ରେରଣ କଲେ, କିନ୍ତୁ ସେ ତାହା ନେବାକୁ ମନା କଲା ଏବଂ କହିଲା, ମୋର ଟଙ୍କା ଦରକାର ନାହିଁ । ମୋତେ ମହାଭାଗଙ୍କ ସାମ୍ନାକୁ ନେଇଚାଲ, ଏପରି ସେ ହୁଜୁର[ଅ.ସ]ଙ୍କ ପାଖକୁ ଗଲା । ମହାଭାଗ ତା' ପାଇଁ ଦୁଆ କଲେ ଓ ତାକୁ **ଜଯାକମୁଲ୍ଲାଃ** କହିଲେ ।

ହଜରତ ଇବ୍ରାହିମ୍ ବକାପୁରୀ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ଥରେ ସିଆଲକୋଟ୍ ଜମାଅତର କେତେକ ବନ୍ଧୁ କିଛି ଅର୍ଥ ଉପହାର ସ୍ୱରୂପ ପେଶ କଲେ । ହୁଜୁର[ଅ.ସ] ପ୍ରଥମେ **ଅଲ୍‌ହମଦୁଲିଲ୍ଲାଃ** କହିଲେ, ତା'ପରେ **ଜଯାକମୁଲ୍ଲାଃ** କହିଲେ । ପ୍ରତିଉତ୍ତରରେ ସେମାନେ କହିଲେ; ଏତଦ୍ ଦ୍ୱାରା ଆମ ବିଶ୍ୱାସରେ ବୃଦ୍ଧି ଘଟିଲା, ଯେ ପ୍ରଥମେ ହୁଜୁର[ଅ.ସ] ସର୍ବଶକ୍ତିମାନ ଅଲ୍ଲାଃଙ୍କର ଧନ୍ୟବାଦ ଅର୍ପଣ କଲେ । ତା'ପରେ ଆମ ପାଇଁ ଦୁଆ କଲେ । ଆଉ ଏକ ଘଟଣା ଜୁଲ୍‌ଫୁକାର ଅଲୀ ଖାନ୍ ଗୋହର୍ ସାହେବ ବର୍ଣ୍ଣନା କରନ୍ତି, ଥରେ ହୁଜୁର[ଅ.ସ] ବୈତୁଦ୍ ଦୁଆର ତଳ କୋଠରୀରୁ ବାହାରକୁ ଆସିଲେ । ମୁଁ ତା ସାମ୍ନାରେ ରହୁଥିଲି, ହୁଜୁର କେଶରେ ମେହ୍‌ଦୀ ଲଗାଇ ଥିଲେ । ମୋତେ କହିଲେ; ମୌଲବୀ ସୈୟଦ ସରୱର ଶାଃ ସାହେବଙ୍କୁ କୁହନ୍ତୁ, ଯେ ଆମ ପାଇଁ କିଛି ଖାଦ୍ୟ ନେଇ ଆସିବେ । ମୁଁ ସନ୍ଦେଶ ପହଞ୍ଚାଇ ଦେଖିଲି ଯେ ଖାଦ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଯାଇଥିଲା ଓ ମୌଲବୀ ସାହେବଙ୍କ ଚେହେରା ଫିକା ପଡିଗଲା ଯେ ହୁଜୁର[ଅ.ସ]ଙ୍କ ପାଇଁ କିଛି ଖାଦ୍ୟ ବଞ୍ଚି ନାହିଁ । ସେ ଯାହା ହେଉ ସେ ଏକ ଛୋଟ ପାତ୍ରରେ କ୍ଷୀର, ତିନୋଟି ଟୋଷ୍ଟ ଓ ଚିନି ନେଇ ମହାଭାଗଙ୍କ ସେବାରେ ଉପସ୍ଥିତ ହେଲେ । ଆଉ କହିଲେ; ଏହା ବ୍ୟତୀତ ଅନ୍ୟ କିଛି ନାହିଁ । କିନ୍ତୁ ମହାଭାଗ ଅତ୍ୟନ୍ତ କୃତଜ୍ଞତାର ସହ ଯାହା ତାଙ୍କ ଚେହେରାରୁ ସ୍ପଷ୍ଟ ପ୍ରତୀତ ହେଉଥିଲା, ଖାଦ୍ୟ ଗ୍ରହଣ କଲେ । ଦୁଇଟି ଟୋଷ୍ଟ କାଢ଼ି ଚିନି ସହିତ ଲଗାଇ ସେବନ କଲେ ଓ ପାଣି ପିଇନେଲେ । ଅଗଷ୍ଟ ମାସ ୧୯୦୦ମସିହାରେ ହୁଜୁର[ଅ.ସ] ଏକ ପତ୍ରରେ ନୱାବ ମୁହମ୍ମଦ ଅଲୀ ଖାନ୍ ସାହେବଙ୍କୁ ଧନ୍ୟବାଦ ଜଣାଇଲେ ଯେ ଆପଣ ଏକ ଅତ୍ୟନ୍ତ ସୁନ୍ଦର କପଡା ଉପହାର ସ୍ୱରୂପ ପଠାଇଛନ୍ତି । ପୋଷାକ ବଦଳରେ ହୁଜୁର[ଅ.ସ] ତାଙ୍କ ପାଇଁ ଦୁଆ କଲେ, ଅଲ୍ଲାଃତାଲା ଏହା ବିନିମୟରେ ତାଙ୍କୁ ନିଜର ଅସୀମ କୃପା ଓ ଅନୁଗ୍ରହ ପ୍ରଦାନ କରନ୍ତୁ । ତାଙ୍କୁ ଧର୍ମନିଷ୍ଠତା ଓ ପବିତ୍ରତାର ପୋଷାକରେ ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃଙ୍କ ପ୍ରିୟଭକ୍ତ ଓ ସାଧୁସନ୍ଥଙ୍କ ରଙ୍ଗରେ ଭୂଷିତ କରନ୍ତୁ ।

ଅନ୍ୟ ଏକ ପତ୍ରରେ ଡ଼ାଃ ଖଲିଫା ରଶିଦୁଦ୍ଦିନ୍ ସାହେବ[ର.ଅ]ଙ୍କୁ କହିଲେ; ଅତି କଠିନ ସମୟରେ ଆପଣଙ୍କ ତରଫରୁ ପ୍ରେରଣ କରାଯାଇଥିବା ୫୦ଟଙ୍କା ଆମକୁ ହସ୍ତଗତ ହୋଇଛି । ଏପରି ଘଡିସନ୍ଧି ପୂର୍ଣ୍ଣ ମୁହୂର୍ତ୍ତରେ ଓ ଅତି ଆବଶ୍ୟକ ସମୟରେ ଯେତେବେଳେ ଜଣେ ଖଳ ପ୍ରବୃତ୍ତିର ଲୋକ ଅଦାଲତରେ ମୋ ବିରୁଦ୍ଧରେ ମକଦ୍ଦମା କରିଛି, ଆପଣଙ୍କର କ୍ରମାଗତ ଭାବରେ ଆର୍ଥିକ ସାହାଯ୍ୟ କରିବା ଅତ୍ୟନ୍ତ କୃତଜ୍ଞତା ବ୍ୟକ୍ତ କରିବା ଯୋଗ୍ୟ । ଜଣେ ସାହାବି କୁହନ୍ତି; ମୁଁ ଅହମଦିୟତ୍ ଗ୍ରହଣ କଲି ଓ ନିଜ ପରିବାରବର୍ଗ ଠାରୁ ଏକଥା ଗୁପ୍ତ ରଖିଲି । କିଛି ଦିନ ପରେ ଏକଥା ପ୍ରଘଟ ହେଲା, ବାପା ମୋତେ ସ୍ପଷ୍ଟ ଜବାବ ଦେଇ ଘରୁ ବାହାର କରିଦେଲେ ଯେ ଏବେ ତୁମେ ଅହମଦି ହୋଇଯାଇଛ । ତେଣୁ ଏ

ଘରେ ତୁମ ପାଇଁ ସ୍ଥାନ ନାହିଁ । ସୁତରାଂ ମୁଁ ଗୋଟିଏ ଦୋକାନ ଖୋଲିଲି, ମୁଁ ଦରଜୀ କାମ କରୁଥିଲି । ମୋ ଆନ୍ତରିକ ଇଚ୍ଛା ଥିଲା ଯେ ମୁଁ ହୁଜୁର[ଅ.ସ]ଙ୍କ ପାଇଁ ଏକ ପୋଷାକ ତିଆରି କରିବି । ଏଣୁ ମୁଁ ଗୋଟିଏ କୁର୍ତ୍ତା, ପାଇଜାମା ଓ ଗୋଟିଏ କୋଟ ତିଆରି କଲି । ଆଉ କାହା ଠାରୁ କାଦିୟାନ ଯିବାର ବାଟଖର୍ଚ୍ଚ ନେଇ ସେଠାରେ ପହଞ୍ଚିଗଲି । ତାହା ଶୁକ୍ରବାର ଦିନ ଥିଲା, ମୋର ଇଚ୍ଛା ଥିଲା ଯେ ଆଜି ହୁଜୁର[ଅ.ସ]ଙ୍କ ସେବାରେ ଏହି ଉପହାର ଅର୍ପଣ କରିବି । ଯେପରି ହୁଜୁର[ଅ.ସ] ଜୁମା ପାଇଁ ଏହାକୁ ପରିଧାନ କରିବେ । ତେବେ ଏକ ଦୋକାନରେ କାଜୀ ଜିଆଉଦ୍ଦିନ୍ ସାହେବଙ୍କ ସହିତ ମୋର ଭେଟ ହୋଇଗଲା । ତାଙ୍କ ସହ କଥା ହେବାରୁ ସେ ମୋତେ ହୁଜୁର[ଅ.ସ]ଙ୍କ ନିକଟକୁ ନେଇଗଲେ । ସେତେବେଳେ ମହାଭାଗ ଗୋଟିଏ ଖଟ ଉପରେ ବସି କିଛି ଲେଖୁଥିଲେ । ପାଖରେ ହିଁ ଖ୍ୱାଜା କମାଲୁଦ୍ଦିନ୍ ସାହେବ ଚଟାଣରେ ବସିଥିଲେ । ଅତଃ ଆମେ ମଧ୍ୟ ସେଇଠି ବସି ପଡିଲୁ, ଖ୍ୱାଜା ସାହେବ ଆମକୁ ପଚାରିଲେ ଯେ ମୁଁ ଆପଣଙ୍କ ଆଗମନର ଉଦ୍ଦେଶ୍ୟ ପ୍ରକାଶ କରିବି କି ? ତହୁଁ ଖ୍ୱାଜା ସାହେବ ସେହି ପୋଷାକ ହୁଜୁର[ଅ.ସ]ଙ୍କୁ ଅର୍ପଣ କଲେ ଓ କହିଲେ, ଏହି ପିଲାର ମନବାଂଛା ଯେ ହୁଜୁର ଏହି ପୋଷାକ ପରିଧାନ କରି ଜୁମା ନମାଜ ପାଠ କରନ୍ତୁ । ସୁତରାଂ ହୁଜୁର[ଅ.ସ] ସେହି ସମୟରେ (ଭିତରକୁ ଯାଇ) ପୋଷାକଟିକୁ ପରିଧାନ କଲେ । କୋଟ ଟିକିଏ ଚିପା ଥିଲା, ତେଣୁ ମୁଁ ତାହାକୁ ବଜାରକୁ ନେଇ ଆସିଲି ଯେପରି ତାକୁ ଖୋଲି ଠିକ୍ କରିଦେବି । ଯେତେବେଳେ ଫେରାଇ ଆଣିଲି ହୁଜୁର[ଅ.ସ] ପୁଣି ପିନ୍ଧିଲେ, କିନ୍ତୁ ତାହା ଏବେ ବି ମହାଭାଗଙ୍କୁ ଅସହଜ ହେଉଥିଲା । ଆଉ ତାହାର ବୋତାମ ବନ୍ଦ ହେଉ ନଥିଲା, ତଥାପି ମୋର ଖୁସି ଓ ମନ ରଖିବା ପାଇଁ ହୁଜୁର ଟାଣିଓଟାରି ବୋତାମ ବନ୍ଦ କରିଦେଲେ ।

ଅହମଦି ଜମାଅତ ନାମରେ ଏକ ପତ୍ରରେ ହୁଜୁର[ଅ.ସ]ଙ୍କୁ କହିଛନ୍ତି; ଅସ୍‌ସଲାମୁ ଅଲୈକୁମ୍ ଓ ରହମତୁଲ୍ଲାଃ ଓ ବରକାତହୁ । ସର୍ବ ପ୍ରଥମେ ମୋ ହୃଦୟରେ ଅଲ୍ଲାଃଙ୍କ କୃତଜ୍ଞତା ଉନ୍ମାଦ ମାରୁଛି । ଯିଏ ମୋର ଜମାଅତକୁ ସତ୍ୟ ଶ୍ରଦ୍ଧା, ଭଲପାଇବା ଓ ସହାନୁଭୂତି ପ୍ରଦାନ କରିଛନ୍ତି । ଯଦି ଅଲ୍ଲାଃତାଲାଙ୍କ ଅନୁଗ୍ରହ ସେମାନଙ୍କ ସହିତ ନଥା'ନ୍ତା, ତେବେ ସେମାନଙ୍କୁ ଏହି ସାମର୍ଥ୍ୟ ଆଦୌଁ ମିଳି ନଥା'ନ୍ତା ଯେ ସେମାନେ ସାହାବା[ର.ଅ]ମାନଙ୍କ ପଦଚିହ୍ନରେ ଏହି ସ୍ତରର ଆଜ୍ଞାକାରୀତା ପ୍ରଦର୍ଶନ କରିପାରିଥା'ନ୍ତେ । ଅର୍ଥାତ୍ ନିଜର ଆର୍ଥିକ ସମସ୍ୟା ଓ କମ୍ ରୋଜଗାର ସତ୍ତ୍ୱେ ନିଜ ସାମର୍ଥ୍ୟ ଠାରୁ ଅଧିକ ଦାନଧ୍ୟାନ କରିବାରେ ନିୟୋଜିତ ରହିଥା'ନ୍ତେ । ମୁଁ ପ୍ରାର୍ଥନା କରୁଛି ଯେ ଅଲ୍ଲାଃତାଲା ସେମାନଙ୍କ ସମ୍ପତ୍ତିରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । ଏହି ସାହାଯ୍ୟ ସହଯୋଗ ଯାହା ସେମାନେ ଧାର୍ମିକ ଉଦ୍ଦେଶ୍ୟ ପୂରଣ ପାଇଁ କରୁଛନ୍ତି, ଅଲ୍ଲାଃତାଲା ଉଭୟ ଜଗତରେ ସେମାନଙ୍କ କଲ୍ୟାଣର କାରଣ କରନ୍ତୁ । **ଆମିନ୍ ସୁମ୍ମା ଆମିନ୍** ।

ପୁନଶ୍ଚ ଏକ ଅବସରରେ ମହାଭାଗ କହିଲେ; ଅଲ୍ଲାଃତାଲା ଯାହାଙ୍କ ଉପରେ ଅନୁଗ୍ରହ କରିଛନ୍ତି, ତାଙ୍କର କୃତଜ୍ଞତା ଏହା ହିଁ ଯେ ସେମାନେ ତାଙ୍କ ସୃଷ୍ଟି ଅର୍ଥାତ୍ ମାନବ ସମାଜର ଉପକାର ଓ ତାଙ୍କ ସହିତ ସଦ୍ ବ୍ୟବହାର କରନ୍ତୁ । ଏହି ଦୈବି ଅନୁଗ୍ରହ ଉପରେ ଅହଂକାର କରନ୍ତୁ ନାହିଁ । ପଶୁଙ୍କ ପରି ଗରିବମାନଙ୍କୁ ଦଳି ଦିଅନ୍ତୁ ନାହିଁ, ଅର୍ଥାତ୍ ଲୋକମାନଙ୍କ ସାହାଯ୍ୟ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କରାଇଲେ । ଅଲ୍ଲାଃତାଲା ଲୋକମାନଙ୍କ ବିଭିନ୍ନ ମାମଲା ପ୍ରସଙ୍ଗରେ ହୁଜୁର[ଅ.ସ]ଙ୍କୁ ପୂର୍ବରୁ ହିଁ ସୂଚିତ କରି ଦେଉଥିଲେ । କେତେକ ଥର ଅଲ୍ଲାଃତାଲାଙ୍କ ବିଶେଷ ଉଦ୍ଦେଶ୍ୟ ଅନ୍ତର୍ଗତ ତାହା ପୂରଣ ହେବାରେ ସମୟ ଲାଗି ଯାଉଥିଲା । ଯେତେବେଳେ ସେହି କଥା ପୂରଣ ହୋଇଯାଉଥିଲା ସେତେବେଳେ ହୁଜୁର[ଅ.ସ] ପ୍ରାର୍ଥନାରେ ଲାଗି ପଡୁଥିଲେ । ଅର୍ଥାତ୍ କୃତଜ୍ଞତାର ସହ ଅଲ୍ଲାଃତାଲାଙ୍କ ସାମ୍ନାରେ **ସଜ୍‌ଦା** (ମୁଦ୍ରା)ରେ ଅବନତ ରହୁଥିଲେ ।

ଏକ ଘଟଣାର ଉଲ୍ଲେଖ କରନ୍ତି; ଥରେ ଜଣେ ହିନ୍ଦୁ ବିଶମ୍ଭର ଦାସ ଯିଏକି ଶରମପତଙ୍କ ସମ୍ପର୍କୀୟ ଥିଲେ, ବିଷୟରେ (ହୁଜୁର[ଅ.ସ]) ଭବିଷ୍ୟତ ବାଣୀ କରିଥିଲେ ଯେ ସେ ଫୌଜଦାରୀ ମକଦ୍ଦମାରୁ ଖଲାସ ହେବେ ନାହିଁ, କିନ୍ତୁ ତାଙ୍କର ଅଧା ଜେଲ ଦଣ୍ଡ ବାକି ରହିଯିବ । ସଂଯୋଗବଶତଃ ଯେତେବେଳେ ରାୟ ଶୁଣାଗଲା ତାଙ୍କର ସମ୍ପର୍କୀୟମାନେ ଆଶା ବିପରୀତ ପ୍ରଚାର କରିଦେଲେ ଯେ ବିଶମ୍ଭର ଦାସ ଖଲାସ ହୋଇଯାଇଛନ୍ତି । ମୁଁ ବଡ ମସଜିଦ୍‌କୁ ନମାଜ ପାଠ କରିବାକୁ ଯାଇଥିଲି ତ ଜଣେ ବ୍ୟକ୍ତି ମୋତେ ସୂଚନା ଦେଲା ଯେ ବିଶମ୍ଭର ଦାସ ଖଲାସ ହୋଇଯାଇଛି । ଆଉ ବଜାରରେ ତାଙ୍କୁ ଶୁଭେଚ୍ଛା ମିଳୁଅଛି, ଏଥିରେ ମୋତେ ବହୁତ ଧକ୍କା ଲାଗିଲା ଓ ମନସ୍ତାପ ହେଲା ଯେ ଏବେ ହିନ୍ଦୁମାନେ ଏହି କଥା

ଉପରେ ଆକ୍ଷେପ କରିବେ ଯେ ମିର୍ଜା ସାହେବଙ୍କର ଭବିଷ୍ୟତ ବାଣୀ ପୂରଣ ହେଲା ନାହିଁ । ମୋତେ ଏହି ଦୁଃଖ ଯୋଗୁଁ ନମାଜର ଗୋଟିଏ ଗୋଟିଏ ରେକାତ ଗୋଟିଏ ଗୋଟିଏ ବର୍ଷ ସହ ସମାନ ଅନୁଭବ ହେଲା ଏବଂ ଯେତେବେଳେ ମୁଁ ନମାଜରେ **ସଜ୍‌ଦା**କୁ ଗଲି ସେତେବେଳେ ମୋର ବ୍ୟାକୁଳତା ଚରମ ସୀମାରେ ପହଞ୍ଚିଗଲା । ସେତେବେଳେ ଦୈବିବାଣୀ ହେଲା, **ଲା ତଖଫ୍ ଇନ୍ନକା ଅନ୍‌ତଲ୍ ଆଲା** ଅର୍ଥାତ୍ ଡ଼ର ନାହିଁ, ନିଶ୍ଚୟ ତୁମେ ହିଁ ବିଜୟୀ ହେବ । ତା'ପରେ ମୁଁ ଅପେକ୍ଷା କଲି ଯେ ଭବିଷ୍ୟତ ବାଣୀ କିପରି ପୂରଣ ହେବ, କିନ୍ତୁ କୌଣସି ସଂକେତ ପ୍ରକାଶ ପାଇଲା ନାହିଁ । ମୁଁ ବାରମ୍ବାର ଶରମପତକୁ ପଚାରୁଥିଲି, କିନ୍ତୁ ସେ ଏହା ହିଁ କହୁଥିଲା– 'ସେ ଖଲାସ ହୋଇଯାଇଛନ୍ତି ।' ଏହିପରି ପ୍ରାୟ ୬ମାସ କିମ୍ବା ତା'ଠାରୁ ଊଣାଅଧିକ ସମୟ ବିତିଗଲା ଏବଂ ଦୁଷ୍ଟ ଲୋକମାନେ ଥଟ୍ଟା ପରିହାସ କରୁଥିଲେ, କିନ୍ତୁ ଶରମପତ କେବେ ଥଟ୍ଟା କରି ନଥିଲେ । ଦିନେ ଏପରି ସଂଯୋଗ ହେଲା ଯେ ସକାଳେ ବଟାଲାରୁ ଜଣେ ତହସିଲଦାର କାଦିୟାନ ଆସିଲେ । ସେ ଘୋଡ଼ାରୁ ଓହ୍ଲାଇ ନଥିଲେ ଯେ ହିନ୍ଦୁମାନେ ତାଙ୍କୁ **ସଲାମ୍** କରିବାକୁ ଆସିଲେ । ସେ ବିଶମ୍ବର ଦାସଙ୍କୁ ଦେଖି କହିଲେ; ଆମେ ଏଥିରେ ଖୁସି ହେଲୁ ଯେ ତୁମେ ଜେଲରୁ ମୁକ୍ତି ପାଇଲ, କିନ୍ତୁ ତୁମେ ନିର୍ଦୋଷରେ ଖଲାସ ହୋଇ ନାହିଁ । ଏକଥା ଶୁଣୁ ମୁଁ କୃତଜ୍ଞତାର **ସଜ୍‌ଦା** କଲି ଓ ଶରମପତଙ୍କୁ ପଚାରିଲି, 'ତୁମେ ଏତେ କାଳ ହେଲା କାହିଁକି ମୋତେ ମିଛ କହି କଷ୍ଟ ଦେଉଥିଲ ?' ସେ କହିଲେ; ମୋତେ ବାଧ୍ୟତାମୂଳକ ମିଛ କହିବାକୁ ପଡିଲା । ନଚେତ୍ ବିବାହ ସମୟରେ ଆମ ଜାତିରେ ଏପରି କଥା ଉପରେ ବହୁତ ସମାଲୋଚନା ହୋଇଥାଏ ଏବଂ ଚରିତ୍ରହୀନତା ପ୍ରମାଣିତ ହେଲେ ବନ୍ଧୁ ମିଳିବା କଷ୍ଟକର ହୋଇପଡେ ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଏପରି କୌଣସି ଜାତି ନାହିଁ, ଯେଉଁଥିରେ ମୋର ନିଦର୍ଶନ ପ୍ରକାଶ ପାଇ ନାହିଁ ଓ ଏପରି କୌଣସି ଜାତି ନାହିଁ ଯିଏ ମୋ ନିଦର୍ଶନର ସାକ୍ଷୀ ନୁହଁନ୍ତି । ଯଦି ଏହି ଚିହ୍ନଗୁଡ଼ିକର ସାକ୍ଷୀ ଦଶକୋଟି ମଧ୍ୟ କୁହାଯାଏ ତେବେ କିଛି ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ବିରୋଧୀମାନଙ୍କ ଅବସ୍ଥା ଉପରେ ଦୟା ଆସେ ଯେ ସେମାନେ ଏଥିରୁ କିଛି ଲାଭ ଉଠାଇଲେ ନାହିଁ । ଯଦି ଏହି ଚିହ୍ନଗୁଡ଼ିକ, ଯାହା ସେମାନଙ୍କୁ ଦେଖାଗଲା ହଜରତ ଈସା ମସିହ[ଅ.ସ]ଙ୍କ ସମୟରେ ୟହୁଦିମାନଙ୍କୁ ଦେଖାଯାଇଥା'ନ୍ତା ତେବେ **ଜୁରିବତ୍ ଆଲୈହିମ୍ ଜିଲ୍ଲତୁ ଓଲ୍ ମସ୍କନଃ** ଅର୍ଥାତ୍ ସେମାନଙ୍କ ଉପରେ ନିନ୍ଦା ଓ ଅପମାନ ଲଦି ଦିଆଗଲା । ସେମାନେ ଅପମାନ ଓ ଦରିଦ୍ରତାର (ଶାସ୍ତି) ଭୋଗ କରି ନଥା'ନ୍ତେ । ଯଦି ଲୂତ[ଅ.ସ]ଙ୍କ ଜାତି ଏହି ନିଦର୍ଶନଗୁଡ଼ିକୁ ଲକ୍ଷ କରିଥା'ନ୍ତା ତେବେ ଏକ ଭୟଙ୍କର ଭୂମିକମ୍ପ ଦ୍ୱାରା ମାଟି ତଳେ ପୋତି ଦିଆଯାଇ ନଥା'ନ୍ତା । କିନ୍ତୁ ଦୁଃଖଦ ସେହି ହୃଦୟଗୁଡ଼ିକ ଉପରେ ଯେ ତାହା ପାଷାଣ ଠାରୁ ମଧ୍ୟ ଅଧିକ କଠୋର ପ୍ରମାଣିତ ହେଲା ଓ ପ୍ରତ୍ୟେକ ଉପାୟରେ ସେମାନଙ୍କ ହୃଦୟର ଅନ୍ଧକାର ବୃଦ୍ଧି ପାଇଲା । ଅଲ୍ଲାଃତାଲା ଆମକୁ ଯେଉଁଠି କୃତଜ୍ଞତାର ପ୍ରକୃତ ଉପଲବ୍ଧି ପ୍ରଦାନ କରନ୍ତୁ । ସେଠାରେ ଆମକୁ ହଜରତ ମୁହମ୍ମଦ[ସ.ଅ]ଙ୍କ ସଚ୍ଚୋଟ ଦାସ[ଅ.ସ]ଙ୍କ **ବୈଅତ୍** (ଦୀକ୍ଷା) ଗ୍ରହଣ କରି ପ୍ରକୃତ ଆଲୋକ, ଦୃଷ୍ଟିଶକ୍ତି ଓ ପୂର୍ଣ୍ଣଜ୍ଞାନ ମଧ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

* * * * * * * * * * * * * * *

Khulasa Khutba Juma Huzoor Anwar a.b.a

28th August 2026

*Translated to Odia by :* Moulavi Anwar Ahmad Khan